# REGIONAL NEWS UNIT, AIR CUTTACK

## Mid-day Bulletin (2.32PM)

### 17 October - 2024

### News Editor : Tapan Kumar Maharana

*******************************

## ମୁଖ୍ୟ ସମ୍ବାଦ

- ଭାଷା, ସାହିତ୍ୟ, କଳା ଏବଂ ଆଧ୍ୟାତ୍ମିକତା ଭଳି ସାଂସ୍କୃତିକ ସ୍ତମ୍ଭ ଦେଶର ପରିଚୟ ସୃଷ୍ଟି କରିଥାଏ; କହିଲେ ପ୍ରଧାନମନ୍ତ୍ରୀ
- ଚଣ୍ଡିଗଡ଼ଠାରେ ଆଜି ପ୍ରଧାନମନ୍ତ୍ରୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହେବ ଏନ୍‌ଡିଏ ଶାସନାଧୀନ ରାଜ୍ୟର ମୁଖ୍ୟମନ୍ତ୍ରୀ ଏବଂ ଉପମୁଖ୍ୟମନ୍ତ୍ରୀଙ୍କ ସମ୍ମିଳନୀ
- ଚିଲିକାରେ ବିଦେଶୀ ପକ୍ଷୀଙ୍କ ସୁରକ୍ଷା ପାଇଁ ଡ୍ରୋନ୍ ବ୍ୟବହାର କରିବା ନେଇ ବନବିଭାଗର ନିଷ୍ପତ୍ତି

ଏବଂ

- ପୁରୀରେ ହବିଷ୍ୟାଳୀଙ୍କ ସୁବିଧା ଓ ସୁରକ୍ଷାକୁ ଦୃଷ୍ଟିରେ ରଖି ଜାରି କରାଯିବ ହେଲ୍‌ପ ଲାଇନ୍ ନମ୍ବର; ସୂଚନା ଦେଲେ ଆଇନ ମନ୍ତ୍ରୀ

# ଅଭିଧାମ୍ମ ଦିବସ

ଭାଷା, ସାହିତ୍ୟ, କଳା ଓ ଆଧ୍ୟାତ୍ମିକତା ଭଳି ସାଂସ୍କୃତିକ ସ୍ତମ୍ଭ ଦେଶର ପରିଚୟ ସୃଷ୍ଟି କରିଥାଏ ବୋଲି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ କହିଛନ୍ତି। ଦେଶ ବିକାଶ ପଥରେ ଆଗକୁ ବଢୁଥିବା ବେଳେ ଦେଶବାସୀ ଆତ୍ମସମ୍ମାନ, ଆତ୍ମବିଶ୍ୱାସ ଏବଂ ଆତ୍ମଗର୍ବ ସହିତ ଜଡ଼ିତ ଅଛନ୍ତି ବୋଲି ସେ କହିଛନ୍ତି।

ନୂଆଦିଲ୍ଲୀରେ ଆଜି ଆନ୍ତର୍ଜାତିକ ଅଭିଧାମ୍ମ ଦିବସ କାର୍ଯ୍ୟକ୍ରମରେ ଉଦ୍‌ବୋଧନ ଦେଇ ପ୍ରଧାନମନ୍ତ୍ରୀ ଭଗବାନ ବୁଦ୍ଧଙ୍କ ଶିକ୍ଷା ଉପରେ ଆଲୋକପାତ କରିଛନ୍ତି। ସେ କହିଛନ୍ତି, ଭାରତ ଅମୃତ କାଳ ଭାବରେ ଆରମ୍ଭ ହୋଇଥିବା ପରିବର୍ତ୍ତନ ଯାତ୍ରା ୨୦୪୭ରେ ବିକଶିତ ଭାରତ ସ୍ୱପ୍ନ ସହ ଶେଷ ହେବ। ଭଗବାନ ବୁଦ୍ଧଙ୍କ କାଳଜୟୀ ଶିକ୍ଷାକୁ ଅନୁସରଣ କରି ଦେଶ ଅଭିବୃଦ୍ଧି ପାଇଁ ଏକ ନୂଆ ମାର୍ଗ ଆପଣାଉଛି ବୋଲି ସେ କହିଛନ୍ତି।

ବିଜ୍ଞାନ ଓ ପ୍ରଯୁକ୍ତି ବିଦ୍ୟା କ୍ଷେତ୍ରରେ ବିଶ୍ୱର ନେତୃତ୍ୱ ନେବା ସହିତ ସଂସ୍କୃତି ଓ ମୂଲ୍ୟବୋଧ ଉପରେ ଗୁରୁତ୍ୱ ଦେବାକୁ ପ୍ରଧାନମନ୍ତ୍ରୀ ଯୁବବର୍ଗଙ୍କୁ ଆହ୍ୱାନ ଦେଇଛନ୍ତି। ପାଲି ଭାଷାକୁ ଶାସ୍ତ୍ରୀୟ ଭାଷାର ମାନ୍ୟତା ଦେବା ନେଇ ସରକାରଙ୍କ ନିଷ୍ପତ୍ତି ଉପରେ ଆଲୋକପାତ କରି ସେ କହିଛନ୍ତି, ଭାଷା କେବଳ ଆଲୋଚନାର ମାଧ୍ୟମ ନୁହେଁ ଏବଂ ଏହା ସଭ୍ୟତା ଓ ସଂସ୍କୃତିର ଆତ୍ମା। ସେ କହିଛନ୍ତି, ପାଲି ଭାଷାକୁ ଶାସ୍ତ୍ରୀୟ ଭାଷାର ମାନ୍ୟତା

ଦେବା ଭଗବାନ ବୁଦ୍ଧଙ୍କ ମହାନ ଐତିହ୍ୟପ୍ରତି ସମ୍ମାନ। ଦେଶର ସମୃଦ୍ଧ ଐତିହ୍ୟ ଓ ସଂସ୍କୃତିର ସଂରକ୍ଷଣ ପାଇଁ ସରକାରଙ୍କ ପ୍ରାଥମିକତା ଦେଉଛନ୍ତି ବୋଲି ପ୍ରଧାନମନ୍ତ୍ରୀ କହିଛନ୍ତି।

***Desk***

# ସିଏମ୍-ମିଟିଂ

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଅଧ୍ୟକ୍ଷତାରେ ଆଜି ଚଣ୍ଡୀଗଡ଼ଠାରେ ଏନଡିଏ ଶାସନାଧୀନ ବିଭିନ୍ନ ରାଜ୍ୟର ମୁଖ୍ୟମନ୍ତ୍ରୀ ଓ ଉପମୁଖ୍ୟମନ୍ତ୍ରୀମାନଙ୍କ ସମ୍ମିଳନୀ ଅନୁଷ୍ଠିତ ହେବ।  ଏଥିରେ ବିଜେପି ରାଷ୍ଟ୍ରୀୟ ଅଧ୍ୟକ୍ଷ ଜେ.ପି. ନଡ୍ଡା, ପ୍ରତିରକ୍ଷାମନ୍ତ୍ରୀ ରାଜନାଥ ସିଂ ଓ ସ୍ୱରାଷ୍ଟ୍ରମନ୍ତ୍ରୀ ଅମିତ ଶାହା ପ୍ରମୁଖ ଯୋଗଦେବେ । **ସମ୍ବିଧାନ କା ଅମୃତ ମହୋତ୍ସବ** ପାଳନ ସମେତ ଜାତୀୟ ବିକାଶ ସଂପର୍କିତ ବିଭିନ୍ନ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗରେ ଏହି ବୈଠକରେ ଆଲୋଚନା ହେବାର କାର୍ଯ୍ୟସୂଚୀ ରହିଛି ।

***Desk***

# ହରିଆଣା-ସିଏମ୍ ଓଥ୍

ବରିଷ୍ଠ ବିଜେପି ନେତା ନାଏବ ସିଂ ସାଇନି କ୍ରମାଗତ ଦ୍ୱିତୀୟଥର ଲାଗି ଆଜି ହରିଆଣାର ମୁଖ୍ୟମନ୍ତ୍ରୀ ଭାବେ ଶପଥ ଗ୍ରହଣ କରିଛନ୍ତି । ପଞ୍ଚକୁଲାସ୍ଥିତ ସାଲିମାର ପଡ଼ିଆଠାରେ ଅନୁଷ୍ଠିତ ଶପଥ ଗ୍ରହଣ ସମାରୋହରେ ରାଜ୍ୟପାଳ ବନ୍ଦାରୁ ଦତ୍ତାତ୍ରେୟ ତାଙ୍କୁ ଏବଂ ମନ୍ତ୍ରିମଣ୍ଡଳର ଅନ୍ୟ ସଦସ୍ୟଙ୍କୁ ଶପଥ ପାଠ କରାଇଛନ୍ତି। ଏହି ସମାରୋହରେ

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ, ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ ଶାହାଙ୍କ ସମେତ ଦଳର ବରିଷ୍ଠ ନେତୃବୃନ୍ଦ ଯୋଗ ଦେଇଥିଲେ। ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ  ମଧ୍ୟ ଏହି ସମାରୋହରେ ଯୋଗ ଦେଇଥିଲେ। ଶ୍ରୀ ମାଝୀ କ୍ରମାଗତ ଦ୍ୱିତୀୟଥର ପାଇଁ ହରିୟାଣାର ମୁଖ୍ୟମନ୍ତ୍ରୀ ଭାବେ ଶପଥ ନେଇଥିବାରୁ ଶ୍ରୀ ସୈନିଙ୍କୁ ଶୁଭେଚ୍ଛା ଜଣାଇଛନ୍ତି।

***Desk***

# ନୀତି ଆୟୋଗ ସେମିନାର

ଦେଶରେ ପୋଲ ଏବଂ ମେଟ୍ରୋ ଗୁଡ଼ିକର ନିର୍ମାଣ ଖର୍ଚ୍ଚକୁ ଆଧୁନିକ ଶୈଳୀର ଉପଯୋଗ ମାଧ୍ୟମରେ ୨୫ ପ୍ରତିଶତକୁ ହ୍ରାସ କରାଯାଇପାରିଛି ବୋଲି କେନ୍ଦ୍ର ସଡ଼କ ପରିବହନ ଓ ରାଜପଥ ମନ୍ତ୍ରୀ ନୀତିନ ଗଡ଼କରୀ କହିଛନ୍ତି। ନୂଆଦିଲ୍ଲୀରେ ଆଜି ନୀତି ଆୟୋଗ ପକ୍ଷରୁ ଆୟୋଜିତ ଆନ୍ତର୍ଜାତିକ ମିଥାନଲ ସେମିନାର ଓ ଏକ୍ସପୋ-୨୦୨୪ ସମ୍ମିଳନୀକୁ ଉଦଘାଟନ କରି ଶ୍ରୀ ଗଡ଼କରୀ ଏହା କହିଛନ୍ତି।

ମାଲେସିଆର ଜ୍ଞାନକୌଶଳରେ ପ୍ରସ୍ତୁତ କରାଯାଇଥିବା ଅଲ୍ଟ୍ରା ଏନ୍‌ଫୋର୍ସମେଣ୍ଟ କଂକ୍ରିଟ୍ ଉପଯୋଗରେ ଏହି ସଫଳତା ମିଳିଛି ବୋଲି ସେ କହିଛନ୍ତି।  ସେ କହିଛନ୍ତି, ବାୟୋ ଡିଜେଲ୍ ଏବଂ ବିକଳ୍ପ ଇନ୍ଧନ ରପ୍ତାନୀ କ୍ଷେତ୍ରରେ ଦେଶରେ ବୃହତ ସୁଯୋଗ ରହିଛି । ଭାରତ’ ବିଶ୍ୱର ତୃତୀୟ ବୃହତ ଅଟୋମୋବାଇଲ୍ ଶିଳ୍ପର ମାନ୍ୟତା ହାସଲ କରିଥିବା ସେ କହିଛନ୍ତି ।

*PIB*

## ସମର୍ଥ ଯୋଜନା

ହସ୍ତଶିଳ୍ପ କ୍ଷେତ୍ରରେ ଦକ୍ଷତା ବୃଦ୍ଧି ଏବଂ ନିଯୁକ୍ତି ସୁଯୋଗ ସୃଷ୍ଟିକୁ ପ୍ରୋତ୍ସାହନ ଦେବା ଲକ୍ଷ୍ୟରେ କାର୍ଯ୍ୟକାରୀ ହେଉଥିବା 'ସମର୍ଥ' ଯୋଜନାର ସମୟସୀମାକୁ ଦୁଇ ବର୍ଷ ପର୍ଯ୍ୟନ୍ତ ବୃଦ୍ଧି କରାଯାଇଛି। ଚଳିତ ଏବଂ ଆଗାମୀ ଆର୍ଥିକ ବର୍ଷ ପାଇଁ ଏ ବାବଦରେ ୪୯୫ କୋଟି ଟଙ୍କା ବରାଦ କରାଯାଇଛି। ଏହି ଯୋଜନା ଅଧୀନରେ ହସ୍ତଶିଳ୍ପ କ୍ଷେତ୍ରରେ ୩ ଲକ୍ଷ ଲୋକଙ୍କୁ ତାଲିମ ପ୍ରଦାନର ଲକ୍ଷ୍ୟ ରଖାଯାଇଛି। ହସ୍ତଶିଳ୍ପ କ୍ଷେତ୍ରରେ କାର୍ଯ୍ୟ କରୁଥିବା ଘରୋଇ ଉଦ୍ୟୋଗଗୁଡ଼ିକୁ ମଧ୍ୟ ଏଥିରେ ସାମିଲ କରାଯାଇଛି। ହସ୍ତଶିଳ୍ପ ମନ୍ତ୍ରଣାଳୟ ପକ୍ଷରୁ ମିଳିଥିବା ସୂଚନା ଅନୁଯାୟୀ, ଏହି ଯୋଜନା ଅଧୀନରେ ଇତିମଧ୍ୟରେ ୩ ଲକ୍ଷ ୨୭ ହଜାର ଇଚ୍ଛୁକ ବ୍ୟକ୍ତିଙ୍କୁ ତାଲିମ ପ୍ରଦାନ କରାଯାଇସାରିଛି। ସେମାନଙ୍କ ମଧ୍ୟରୁ ୨ ଲକ୍ଷ ୬୦ ହଜାର ବିଭିନ୍ନ କ୍ଷେତ୍ରରେ ନିଯୁକ୍ତ ହୋଇଛନ୍ତି। ମହିଳା ସଶକ୍ତିକରଣ ଲକ୍ଷ୍ୟରେ ଏହି ଯୋଜନା ଅଧୀନରେ ଏ ପର୍ଯ୍ୟନ୍ତ ୨ ଲକ୍ଷ ଅଣାନବେ ହଜାର ମହିଳାଙ୍କୁ ତାଲିମ ପ୍ରଦାନ କରାଯାଇସାରିଛି ବୋଲି ମନ୍ତ୍ରଣାଳୟ ସୂଚନା ଦେଇଛି।

*Desk*

## ଚିଲିକା– ଡ୍ରୋନ୍ ବ୍ୟବହାର

ଚିଲିକାକୁ ଆସୁଥିବା ବିଦେଶୀ ପକ୍ଷୀଙ୍କ ସୁରକ୍ଷା ପାଇଁ ଡ୍ରୋନ୍ ବ୍ୟବହାର କରାଯିବାକୁ ବନବିଭାଗ ନିଷ୍ପତ୍ତି ନେଇଛି। ଚିଲିକା ବନ୍ୟପ୍ରାଣୀ ବନଖଣ୍ଡ ଅଧିକାରୀଙ୍କ ସୂତ୍ରରୁ ମିଳିଥିବା ସୂଚନା ଅନୁଯାୟୀ, ଚଳିତ ମାସରୁ

ଚିଲିକାରେ ବିଦେଶୀ ପକ୍ଷୀଙ୍କର ଆଗମନ ଆରମ୍ଭ ହୋଇଛି। ପ୍ରତ୍ୟେକ ବର୍ଷ ପରି ଏଥର ମଧ୍ୟ ପକ୍ଷୀଙ୍କ ସୁରକ୍ଷା ପାଇଁ ଅସ୍ଥାୟୀ ଜଗୁଆଳୀ ନିଯୁକ୍ତ ହୋଇଛନ୍ତି। ଚିଲିକା ବନ୍ୟପ୍ରାଣୀ ବନଖଣ୍ଡରେ ଏଥିପାଇଁ ୨୧ଟି କ୍ୟାମ୍ପ ପ୍ରତିଷ୍ଠା କରାଯାଇଛି। ପକ୍ଷୀ ଶୀକାର ନେଇ ଚିହ୍ନଟ ହୋଇଥିବା ସମ୍ବେଦନଶୀଳ ଅଞ୍ଚଳ ଉପରେ ବନଖଣ୍ଡ ପକ୍ଷରୁ ତୀକ୍ଷ୍ଣ ନଜର ରଖାଯାଇଛି। ଡ୍ରୋନ୍ ମାଧ୍ୟମରେ ପକ୍ଷୀଙ୍କ ପ୍ରତି ବିପଦ ସୃଷ୍ଟି କରୁଥିବା ସମସ୍ତ ପଦକ୍ଷେପ ଉପରେ ନଜର ରଖାଯାଇପାରିବ ବୋଲି ଜଣାପଡ଼ିଛି। ଆବଶ୍ୟକ ପଡ଼ିଲେ ପକ୍ଷୀ ଶିକାରୀଙ୍କ ଜଗିବା ଲାଗି ଖୋର୍ଦ୍ଧା ବନଖଣ୍ଡଠାରୁ ସ୍ୱତନ୍ତ୍ର ଡ୍ରୋନ୍ ଅଣାଯିବ ବୋଲି ଚିଲିକା ବନ୍ୟପ୍ରାଣୀ ବନଖଣ୍ଡ ପକ୍ଷରୁ ସୂଚନା ଦିଆଯାଇଛି।

***Desk***

## ସାତକୋଶିଆ– ମହାବଳ ବାଘ

ସାତକୋଶିଆ ଅଭୟାରଣ୍ୟକୁ ଖୁବ୍‌ଶୀଘ୍ର ମହାବଳ ବାଘ ଆଣିବା ପାଇଁ ପଦକ୍ଷେପ ନିଆଯାଉଛି ବୋଲି ପ୍ରଧାନ ମୁଖ୍ୟ ବନ ସଂରକ୍ଷକ ସୁଶାନ୍ତ ନନ୍ଦ କହିଛନ୍ତି। ଜାତୀୟ ବ୍ୟାଘ୍ର ସଂରକ୍ଷଣ କର୍ତ୍ତୃପକ୍ଷଙ୍କ ନିଷ୍ପତ୍ତି ଅନୁଯାୟୀ, ୫ ବର୍ଷ ଭିତରେ ପାଖାପାଖି ୧୪ଟି ବାଘ ସାତକୋଶିଆ ଅଭୟାରଣ୍ୟକୁ ଆଣିବା ପାଇଁ ବ୍ୟବସ୍ଥା ହେଉଛି ବୋଲି ଶ୍ରୀ ନନ୍ଦ କହିଛନ୍ତି। ସେ କହିଛନ୍ତି, ଅଭୟାରଣ୍ୟକୁ ଇତିମଧ୍ୟରେ ୧୨ଟି ଅତ୍ୟାଧୁନିକ ପାଟ୍ରୋଲିଂ ଭ୍ୟାନ୍ ପ୍ରଦାନ କରାଯାଇଛି। ଅଭୟାରଣ୍ୟର ରେଞ୍ଜ କାର୍ଯ୍ୟାଳୟର ଦକ୍ଷତା ବୃଦ୍ଧି ଲକ୍ଷ୍ୟରେ ଏହି ବ୍ୟବସ୍ଥା କରାଯାଇଛି। ଏହି ଭ୍ୟାନଗୁଡ଼ିକ ଜୀବଜନ୍ତୁଙ୍କ ସୁରକ୍ଷାରେ

ନିୟୋଜିତ ହେବ। ସେଥିରେ GPS ନେଭିଗେସନ ସହିତ ବନ୍ୟପ୍ରାଣୀଙ୍କ ଉଦ୍ଧାର ପାଇଁ ମଧ୍ୟ ବ୍ୟବସ୍ଥା ରହିଛି ବୋଲି ଶ୍ରୀ ନନ୍ଦ ସୂଚନା ଦେଇଛନ୍ତି।

***HS***

# ପୂର୍ବତନ ସାଂସଦଙ୍କ ପରଲୋକ

ପୂର୍ବତନ ସଂସଦ ସଦସ୍ୟ ପ୍ରଭାତ ସାମନ୍ତରାୟଙ୍କର ପରଲୋକ ହୋଇଛି। ଅସୁସ୍ଥତା ହେତୁ ଭୁବନେଶ୍ୱରରେ ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ପରଲୋକ ହୋଇଛି। ଶ୍ରୀ ସାମନ୍ତରାୟ ତାଙ୍କର ରାଜନୈତିକ ଜୀବନ ଜନତା ଦଳରୁ ଆରମ୍ଭ କରିଥିଲେ। କେନ୍ଦ୍ରାପଡ଼ା ଲୋକସଭା ନିର୍ବାଚନମଣ୍ଡଳୀରୁ ବିଜୁ ଜନତା ଦଳର ପ୍ରାର୍ଥୀ ଭାବେ ଦୁଇଥର ନିର୍ବାଚନ ହୋଇଥିଲେ। ପ୍ରଥମଥର ୧୯୯୮ରୁ ୧୯୯୯ ପର୍ଯ୍ୟନ୍ତ ଏବଂ ଦ୍ୱିତୀୟଥର ୧୯୯୯ରୁ ୨୦୦୪ ପର୍ଯ୍ୟନ୍ତ କେନ୍ଦ୍ରାପଡ଼ାରୁ ସେ ଲୋକସଭାରେ ପ୍ରତିନିଧିତ୍ୱ କରିଥିଲେ। ତାଙ୍କ ବିୟୋଗରେ ବିଭିନ୍ନ ମହଲରେ ଶୋକର ଛାୟା ଖେଳିଯାଇଛି।

ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଶ୍ରୀ ସାମନ୍ତରାୟଙ୍କ ବିୟୋଗରେ ଗଭୀର ଶୋକପ୍ରକାଶ କରିବା ସହିତ ଶୋକସନ୍ତପ୍ତ ପରିବାରବର୍ଗଙ୍କୁ ସମବେଦନା ଜଣାଇଛନ୍ତି। କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ତାଙ୍କ ଶୋକବାର୍ତ୍ତାରେ କହିଛନ୍ତି, ସାମାଜିକ ଏବଂ ରାଜନୈତିକ କ୍ଷେତ୍ରରେ ଶ୍ରୀ ସାମନ୍ତରାୟଙ୍କ ଅବଦାନ ଚିରସ୍ମରଣୀୟ ହୋଇ ରହିବ।

*Puri*

## ହବିଷ୍ୟାଳୀ-ଆଇନମନ୍ତ୍ରୀ

ପୁରୀ ଶ୍ରୀକ୍ଷେତ୍ରରେ ହବିଷ୍ୟାଳୀଙ୍କ ସୁବିଧା ଏବଂ ଶ୍ରୀଜୀଉଙ୍କୁ ଶୃଙ୍ଖଳିତ ଦର୍ଶନ ନେଇ ପଦକ୍ଷେପ ଗ୍ରହଣ କରାଯାଇଛି ବୋଲି ଆଇନମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ କହିଛନ୍ତି। ଶ୍ରୀମନ୍ଦିରର ଦୁଇଟି ଦ୍ୱାରରେ ପ୍ରବେଶ ଏବଂ ତିନୋଟି ଦ୍ୱାରରେ ପ୍ରସ୍ଥାନର ବ୍ୟବସ୍ଥା ହୋଇଛି। ଶ୍ରଦ୍ଧାଳୁ ଆଜିଠାରୁ ସିଂହଦ୍ୱାର ଏବଂ ପଶ୍ଚିମଦ୍ୱାର ଦେଇ ଶ୍ରୀମନ୍ଦିର ଭିତରକୁ ପ୍ରବେଶ କରୁଛନ୍ତି ଓ ସିଂହଦ୍ୱାର ବ୍ୟତୀତ ଅନ୍ୟ ତିନି ଦ୍ୱାର ଦେଇ ପ୍ରସ୍ଥାନ କରୁଛନ୍ତି। ହବିଷ୍ୟାଳୀଙ୍କ ସୁବିଧା ଏବଂ ସୁରକ୍ଷାକୁ ଦୃଷ୍ଟିରେ ରଖି ହେଲ୍‌ପ ଲାଇନ୍ ନମ୍ବର ଜାରି କରାଯିବ ବୋଲି ଶ୍ରୀ ହରିଚନ୍ଦନ କହିଛନ୍ତି। ପୁରୀରେ ସେମାନଙ୍କ ରହଣିଠାରୁ ଆରମ୍ଭ କରି ଦର୍ଶନ ପର୍ଯ୍ୟନ୍ତ ସମ୍ପୂର୍ଣ୍ଣ ବ୍ୟବସ୍ଥାକୁ ଶୃଙ୍ଖଳିତ ଭାବେ ସମ୍ପନ୍ନ କରିବା ଲାଗି ପଦକ୍ଷେପ ଗ୍ରହଣ କରାଯାଇଛି। ହବିଷ୍ୟାଳୀଙ୍କ ପାଇଁ ଅନଲାଇନ୍ ମାଧ୍ୟମରେ ପଞ୍ଜୀକରଣର ବ୍ୟବସ୍ଥା ହୋଇଥିଲା। ଚଳିତ ବର୍ଷ ପଞ୍ଜୀକରଣ କରିପାରି ନ ଥିବା ହବିଷ୍ୟାଳୀ ଆସନ୍ତାବର୍ଷ ଏହାର ସୁଯୋଗ ନେବାକକୁ ମନ୍ତ୍ରୀ ଶ୍ରୀ ହରିଚନ୍ଦନ ପରାମର୍ଶ ଦେଇଛନ୍ତି।

*Nayagada*

## ଧାନ ସଂଗ୍ରହ ପ୍ରସ୍ତୁତି

ନୟାଗଡ଼ ଜିଲ୍ଲାରେ ଚଳିତ ବର୍ଷ ଖରିଫ ଧାନ ସଂଗ୍ରହ ପାଇଁ ପ୍ରଶାସନିକ ସ୍ତରରେ ପ୍ରସ୍ତୁତି ଆରମ୍ଭ ହୋଇଛି। ଜିଲ୍ଲାପାଳ ଅକ୍ଷୟ ସୁନୀଲ

ଅଗ୍ରୱାଲଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ଏ ନେଇ କେତେକ ସ୍ୱତନ୍ତ୍ର ପଦକ୍ଷେପ ପାଇଁ ନିଷ୍ପତ୍ତି ନିଆଯାଇଛି। ଧାନକ୍ରୟ ସମୟରେ ପ୍ରତ୍ୟେକ ମଣ୍ଡିରେ ଜଣେ ଲେଖାଏଁ ନୋଡାଲ ଅଧିକାରୀ ନିଯୁକ୍ତ ହେବେ। ରାଜସ୍ୱ ନିରୀକ୍ଷକ, ସୋସାଇଟି ନିରୀକ୍ଷକ ଏବଂ ପିଇଓ ପ୍ରମୁଖ ନୋଡାଲ ଅଧିକାରୀଭାବେ ଦାୟିତ୍ୱ ନିର୍ବାହ କରିବେ ବୋଲି ନିଷ୍ପତ୍ତି ହୋଇଛି। ସେହିଭଳି ୪ରୁ ୫ଟି ମଣ୍ଡି ପାଇଁ ଜଣେ ଲେଖାଏଁ ସୁପରଭାଇଜରଙ୍କୁ ମଧ୍ୟ ନିଯୁକ୍ତ କରାଯିବ। ବିଡିଓ, ତହସିଲଦାର, ଯୋଗାଣ ଅଧିକାରୀ ପ୍ରମୁଖ ଏହି ଦାୟିତ୍ୱରେ ରହିବେ। ଧାନକ୍ରୟ ନେଇ ଡାକବାଜି ଯନ୍ତ୍ର ଏବଂ ଗ୍ରାମ୍ୟସ୍ତରରେ ବୈଠକ ମାଧ୍ୟମରେ ଚାଷୀଙ୍କୁ ସଚେତନ କରାଇବା ପାଇଁ ନିଷ୍ପତ୍ତି ହୋଇଛି। ଏହି ବୈଠକରେ ଜିଲ୍ଲାସ୍ତରୀୟ ବିଭାଗୀୟ ଅଧିକାରୀ ଉପସ୍ଥିତ ରହି ଧାନ ସଂଗ୍ରହ ପ୍ରକ୍ରିୟା ସମ୍ପର୍କରେ ମତ ବିନିମୟ କରିଥିଲେ।

*Nabarangpur*

## ଗଜଲକ୍ଷ୍ମୀ ପୂଜା

ରାଜ୍ୟରେ ବିଭିନ୍ନ ପ୍ରାନ୍ତରେ ଗଜଲକ୍ଷ୍ମୀ ପୂଜା ଶ୍ରଦ୍ଧା ଏବଂ ନିଷ୍ଠାର ସହ ପାଳିତ ହେଉଛି। ବିଭିନ୍ନ ପୂଜାମଣ୍ଡପରେ ମା'ଙ୍କର ମୃଣ୍ମୟୀ ମୂର୍ତ୍ତି ପ୍ରତିଷ୍ଠା କରାଯାଇ ପୂଜାର୍ଚ୍ଚନା କରାଯିବା ସହ ଲକ୍ଷ୍ମୀଠାକୁରାଣୀଙ୍କ ମନ୍ଦିରରେ ସ୍ୱତନ୍ତ୍ର ପୂଜା ଅନୁଷ୍ଠିତ ହୋଇଛି।

ନବରଙ୍ଗପୁର ଜିଲ୍ଲାରେ ସହର ସମେତ ଗ୍ରାମଗୁଡ଼ିକରେ ପୂଜାମଣ୍ଡପମାନ ନିର୍ମାଣ କରାଯାଇ ଠାକୁରାଣୀଙ୍କର ପୂଜା ହୋଇଛି।

ମହାଆଳତୀ ଦେଖିବା ପାଇଁ ପୂଜାମଣ୍ଡପଗୁଡ଼ିକରେ ପ୍ରବଳ ଗହଳି ପରିଲକ୍ଷିତ ହୋଇଥିଲା ।